## ସଂକ୍ଷେପରେ

### ଛୁରି ଭୁସି ଯୁବକଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଗିରଫ

**ଯୋଡ଼ା,୨୮।୩(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରର ଗଣେଶ ଭବନଠାରେ ଶନିବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଯୋଡ଼ା ପାତ୍ର ବସ୍ତିର ରାଜା ପାତ୍ର। ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ନାଜିମ ଶେଖ ନିକଟସ୍ଥ ବଜାରକୁ ଯାଇଥିଲେ। ସେଠାରେ ତାଙ୍କର ରାଜା ପାତ୍ର ସହ ଝଗଡ଼ା ହୋଇଥିଲା। ଏଥିରେ ନାଜିମ ରାଜାଙ୍କୁ ଗାଳିଗୁଲଜ କରିଥିଲେ। ରାଜା ପ୍ରତିଶୋଧ ପରାୟଣ ହୋଇ ରାତି ପ୍ରାୟ ୧୧ଟା ବେଳେ ଗଣେଶ ଭବନରେ ରହୁଥିବା ନାଜିମଙ୍କୁ ଗେଟ ବାହାରକୁ ଡାକି ପେଟରେ ଛୁରି ଭୁସି ହତ୍ୟା କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୫୨/୨୦୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

### ମହଙ୍ଗା ପଡ଼ିଲା ଅଶ୍ଳୀଳ ଇଙ୍ଗିତ, ଯୁବକ ଅଟକ

**ବାଲେଶ୍ୱର ଅଫିସ, ୨୮।୩:** ବାଲେଶ୍ୱର ରେଳଷ୍ଟେସନ ପ୍ରତୀକ୍ଷାଳୟ ପରିସରରେ ପଶ୍ଚିମବଙ୍ଗ ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଜିଆର୍‌ପି ଜଣେ ଯୁବକଙ୍କୁ ଅଟକ ରଖିଛି। ସମ୍ପୃକ୍ତ ଯୁବକ ନିଜକୁ ଏନଏମ୍‌ଏସ୍ ୟୁଟ୍ୟୁବ ଚ୍ୟାନେଲର ଖବରଦାତା ପରିଚୟ ଦେଇ ଏଭଳି ଆଚରଣ ପ୍ରଦର୍ଶନ କରିଥିଲେ। ବଙ୍ଗୀୟ ଯୁବତୀ ବାଲେଶ୍ୱର ଜିଆର୍‌ପି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଟକ ଯୁବକଙ୍କୁ ପଚରାଉଚୁରା କରୁଛି। ଉକ୍ତ ଯୁବକ ହେଲେ ଭଦ୍ରକ ଅଞ୍ଚଳର ଆନନ୍ଦ ଚନ୍ଦ୍ର ଜେନା। ତାଙ୍କର ଏଭଳି ଆଚରଣ ଦେଖି ଓଡ଼ିଆ ବୁଝି ପାରୁ ନ ଥିବା ଯୁବତୀ ଏକ ଭିଡ଼ିଓ ଉତ୍ତୋଳନ କରିଥିବା ସହ ଭୟଭୀତ ହୋଇ ଜିଆର୍‌ପିଙ୍କ ସହାୟତା ନେଇଥିଲେ।

### ଦୋଳ ମେଳଣ ଉଦ୍‌ଯାପିତ

**କୁଆମରା, ୨୮।୩(ଡି.ଏନ.ଏ.):** ଗୋପବନ୍ଧୁ ନଗର ବ୍ଲକର ପ୍ରସିଦ୍ଧ ୧୧୮ବର୍ଷର ସାଇଁକୁଲା ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଗତ ରବିବାର ଆସିଥିବା ସାତ ଠାକୁର ୭ଦିନ ଧରି ଦୋଳ ମଣ୍ଡପରେ ରହି ଭକ୍ତଙ୍କୁ ଦର୍ଶନ ଦେବା ପରେ ନିଜ ପୀଠକୁ ପୁଣି ଫେରିଯାଇଛନ୍ତି। କମିଟି ତତ୍ତ୍ୱାବଧାନରେ ୭ଦିନ ଧରି ଠାକୁରଙ୍କ ସେବା ସମ୍ପନ୍ନ ହୋଇଥିଲା।

### ସ୍ମାର୍ଟ କ୍ଲାସ ପରିଚାଳନା ତାଲିମ

**କୁଳିଅଣା,୨୮।୩ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ଜାନକୀଲାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୫ଟି ଅନ୍ତର୍ଭୁକ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ସ୍ମାର୍ଟ କ୍ଲାସ ପରିଚାଳନା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡ. ସରୋଜ ନାୟକ, କବିତା ଜେନା, ବିନ୍ଦୁରେଖା ପାତ୍ର, ଜୟନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଯୁଗରେ ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଆଧୁନିକ ଶିକ୍ଷା ପ୍ରଦାନ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ସାଧନ କର୍ମୀ ଭାବେ ସିପୁ କୁମାର ବେହେରା ପ୍ରଶିକ୍ଷଣର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷକ ସୂର୍ଯ୍ୟ ପ୍ରକାଶ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ସସ୍ମିତା ବଡ୍ତୁ, ବାଜୁନ ହେମ୍ବ୍ରମ, ସସ୍ମିତା ତ୍ରିପାଠୀ ଓ ସବିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ବିଶୋଇ, ୨୮।୩(ଡି.ଏନ.ଏ.):** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଓ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ପିଏ ଆଇଟିଡିଏ ବସନ୍ତ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ବିଡିଓ ଭାଗବତ ପ୍ରସାଦ ମହାପାତ୍ର, ଏବିଡିଓ ହେମନ୍ତ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ। ବିଶୋଇ ବ୍ଲକର ୧୩ଟି ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠଯନ୍ତ୍ରୀ, ଜିଆରଏସ, ଗ୍ରାମସାଥି ଏବଂ ଶ୍ରମିକମାନେ ଯୋଗଦାନ କରିବା ସହିତ ଖାଦ୍ୟ ସୁରକ୍ଷା ଆଇନର ଯୋଗାଣ ଅଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ଯୋଗାଣ ସହାୟକମାନେ ଯୋଗଦାନ କରିଥିଲେ। ଏହି ଆଇନକୁ କିପରି ଅଧିକ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରାଯିବ ସେନେଇ ଆଲୋଚନା ହୋଇଥିଲା।

# ସରକାରୀ ଜମିରୁ ମାଟି ଉଠାଣ

**ରୂପସା, ୨୮।୩(ଡି.ଏନ.ଏ.)**


ସରକାରୀ ଜମିରୁ ମାଟି ଖୋଳାକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଟାକଟା ଗ୍ରାମରେ ଥିବା ସରକାରୀ ଜମିରୁ ବେଆଇନ ଭାବେ ମାଟି ଉଠାଇ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସୋମବାର ଉତ୍ତେଜନା ଦେଖାଦେଇଛି। ବେଆଇନ ମାଟି ଖୋଳାକୁ ବିରୋଧ କରି ଗ୍ରାମବାସୀ ଉକ୍ତ ସ୍ଥାନରେ ପହଞ୍ଚି ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଥିବା ସରକାରୀ ଗୋଚର ଜମିରୁ ମାଟି ମାଫିଆ ଓ ଦଲାଲ ମିଶି ଜେସିବି ଏବଂ ଟ୍ରାକ୍ଟର ଲଗାଇ ରାତିଅଧିଆ ଶହ ଶହ ଟ୍ରାକ୍ଟର ମାଟି ଲୁଟ୍ କରୁଥିବା ଦେଖିବାକୁ ମିଳିଛି। ଲୋକେ ଅଭିଯୋଗ କରିବାରୁ ଏହା ସରକାରଙ୍କ ୫-ଟି ଯୋଜନାରେ ସ୍ମାର୍ଟ ସ୍କୁଲର ଖେଳପଡ଼ିଆ ନିର୍ମାଣ ପାଇଁ ଯାଉଛି

#### ବିରୋଧ କଲେ ଗ୍ରାମବାସୀ

ବୋଲି ଠିକାଦାର ସଫେଇ ଦେଉଛନ୍ତି। ସୋମବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାଟି ଖୋଳାକୁ ବିରୋଧ କରିଥିଲେ। ମାତ୍ର ମାଫିଆମାନେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରେ ଗୋରୁ ଚରାଇବା ପାଇଁ ଗୋଚର କିସମର ଜମି ରହିଛି। ଅସାଧୁ ବ୍ୟବସାୟୀ ଏହି ଜମିରୁ କିଭଳି ରାଜସ୍ୱ ଲୁଟ୍ କରିବେ ସେଥିପାଇଁ ପ୍ରଶାସନ ସହ ସଲାସୁତୁରା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବସ୍ତା ତହସିଲ ଅମର୍ଦ୍ଦାରୋଡ଼ ଆର୍‌ଆଇ ଅଫିସ ଅଧୀନ ନଟାକଟା ପଞ୍ଚାୟତର ନଟାକଟା ମୌଜାରେ ଏହି ଘଟଣା ଦେଖିବାକୁ ମିଳିଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଆର୍‌ଆଇ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ ଘଟଣାସ୍ଥଳରେ କେହି ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅମର୍ଦ୍ଦାରୋଡ ଆର୍‌ଆଇ କାର୍ଯ୍ୟାଳୟଠାରୁ ମାତ୍ର ୫୦ ମିଟର ମଧ୍ୟରେ ଏଭଳି ମାଟି ଚୋରି ହେଉଥିବା ବେଳେ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି ଓ ଗ୍ରାମାଞ୍ଚଳରେ ଗୋଚର ଜମି ଧୀରେ ଧୀରେ ଲୋପ ପାଇବାକୁ ବସିଛି ବୋଲି ଗାଁ ଲୋକେ କହିଛନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ବସ୍ତା ବିଡ଼ିଓ ସିଦ୍ଧେଶ୍ୱର ଉଚ୍ଚବିଦ୍ୟାଳୟ ୫-ଟି କାମ ପାଇଁ ଏହି ଜମିରୁ ମାଟି ଉଠାଇବାକୁ କହିଥିବା ପ୍ରକାଶ କରିଥିଲେ। ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ଏହା ଭିତ୍ତିହୀନ ବୋଲି ପ୍ରକାଶ କରିଛନ୍ତି। ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାଶ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟାରେ କହିଛନ୍ତି।

# ପାନୀୟ ଜଳକୁ ପୌରାଧ୍ୟକ୍ଷଙ୍କ ଗୁରୁତ୍ୱ


ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ଜିଲାପାଳଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ବାରିପଦା ଅଫିସ,୨୮।୩**

ବାରିପଦା ପୌର ପରିଷଦର ନବ ନିର୍ବାଚିତ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ସହରରେ ପାନୀୟ ଜଳ ସଙ୍କଟ ଦୂର କରିବା ଦିଗରେ ପ୍ରାଥମିକ ଭାବେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତି ୱାର୍ଡ ଓ ସାହିବସ୍ତିରେ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଆସନରେ ବସିବା ପୂର୍ବରୁ ସୋମବାର ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଓ ପିଡିଡିଆରଡିଏ ପି.ଅନ୍ୱେଷା ରେଡ୍ଡିଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ବାରିପଦାକୁ ସ୍ମାର୍ଟ ସହର ଭାବେ ପରିଗଣିତ କରିବା ପାଇଁ ସହରବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରାଯିବ। ପାନୀୟ ଜଳର ସମସ୍ୟା, ଡ୍ରେନେଜ ବ୍ୟବସ୍ଥା, ପରିମଳ, ଗମନାଗମନ ନିମନ୍ତେ ପକ୍କା ସଡ଼କ, ଆଲୋକୀକରଣ ଓ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରିବାର ସମସ୍ତ ବ୍ୟବସ୍ଥା ଗ୍ରହଣ କରିବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଜଣାଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ଯୋଜନା ଗୁଡିକ ପୂର୍ଣ୍ଣାଙ୍ଗ କରିବା ପାଇଁ ବାରିପଦାବାସୀଙ୍କ ସହଯୋଗ କାମନା କରିଛନ୍ତି। ଆଗାମୀ ଦିନରେ ଗୃହ ଏବଂ ସହରୀ ବିକାଶ ମନ୍ତ୍ରୀଙ୍କ ସହ ଆଲୋଚନା କରି ବାରିପଦା ମ୍ୟୁନିସିପାଲିଟିରେ ନୂତନ ଯୋଜନା ହାତକୁ ନିଆଯିବ ବୋଲି କହିଛନ୍ତି।

# ଆରମ୍ଭ ହେଲା ତ୍ରିବେଣୀ ମେଳା


ତ୍ରିବେଣୀ ତୀର୍ଥରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ।

**ବାଲେଶ୍ୱର ଅଫିସ, ୨୮।୩**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମନ୍ଦାରପୁର ପଞ୍ଚାୟତ କାଠସଙ୍ଗଡ଼ାସ୍ଥିତ ଆଦ୍ୟ ତୀର୍ଥ ଗୁପ୍ତ ପ୍ରୟାଗ ବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀର ତ୍ରିବେଣୀ ତୀର୍ଥରେ ତ୍ରିବେଣୀ ମେଳା ଶୁଭାରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରେ ଶହ ଶହ ତ୍ରିବେଣୀ ଶ୍ରଦ୍ଧାଳୁ କଳସ ଧରି ଶଙ୍ଖ ଘଣ୍ଟା ସହ ସଂକୀର୍ତ୍ତନ ଦଳର ନାମ ସଂକୀର୍ତ୍ତନ ଗାଇ ତ୍ରିବେଣୀଶ୍ୱର ପୀଠରୁ ବାହାରି ତ୍ରିବେଣୀ ସଙ୍ଗମସ୍ଥଳରେ ପହଞ୍ଚି ତ୍ରିବେଣୀ ଭାଗବତ ପୀଠାଧୀଶ ବାବାଜୀ ଦୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ତ୍ରିବେଣୀ ତୀର୍ଥ ପୂଜନ, ତର୍ପଣ ଓ ଅର୍ପଣ କରି ତ୍ରିବେଣୀ ମେଳାକୁ ଶୁଭାରମ୍ଭ କରିଥିଲେ।

ତ୍ରିବେଣୀ ତୀର୍ଥ ଉନ୍ନୟନ ପରିଷଦ ସଭାପତି ପର୍ଶୁରାମ ବେହେରା ସାଧୁସନ୍ଥ ମିଳନ ମହୋତ୍ସବ ଉଦ୍‌ଘାଟନ କରିଥିବା ବେଳେ ଜିଲା ଲୋକକଳା, ଓଡ଼ିଆ ଭାଷା ସାହିତ୍ୟ ଓ ସମାଜ କଲ୍ୟାଣ ସଂଘର ବାର୍ଷିକ ଉତ୍ସବକୁ ଶିଳ୍ପୀ କେଶୁଦାସ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ପ୍ରତିଦିନ ଦିନସାରା ଜିଲାର ଲୋକ କଳାକାର ଦ୍ୱାରା ଚଢ଼େଇୟା ନାଟ, ପାଲା, ଦାସକାଠିଆ, ଘୋଡ଼ାନାଚ, ସଂକୀର୍ତ୍ତନ, ଭଜନ ପରିବେଷଣ କରାଯିବ। ଏଠାରେ ବାଲେଶ୍ୱରର ଲୋକକଳା ଜଉକଣ୍ଢେଇର ମଧ ପ୍ରଦର୍ଶନୀ ଖୋଲାଯାଇଛି। ଜିଲା ଲୋକକଳା ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଉନ୍ନୟନ ପରିଷଦର ସମ୍ପାଦକ ନବ କୁମାର ପ୍ରଧାନ, ନିରଞ୍ଜନ ଗିରି, ଅଭୟ ନାୟକ, କରୁଣାକର ଖଟୁଆ, ଶିବ ନାରାୟଣ ଜେନା, ପରିକ୍ଷୀତ ଗିରି, ସରପଞ୍ଚ ମଞ୍ଜୁଳା ଦାସ, କପିଳେଶ୍ୱର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ଜିଲାସ୍ତରୀୟ ସମ୍ମିଳନୀ

**ସୋର, ୨୮।୩ (ଡି.ଏନ.ଏ)**

ବାଲେଶ୍ୱର ଜିଲା ସୋର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ କ୍ୟାଡର) ଆନୁକୂଲ୍ୟରେ ୩ୟ ଜିଲାସ୍ତରୀୟ ସମ୍ମିଳନୀ ମହୁମୁହାଣ ମା' କଲ୍ୟାଣ ମଣ୍ଡପଠାରେ ମହେଶ୍ୱର ବେହେରାଙ୍କ ପୌରୋହିତ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଶରତ ଚନ୍ଦ୍ର ନାୟକ ଯୋଗଦେଇ ପ୍ରାଥମିକ ଶିକ୍ଷକମାନଙ୍କର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଂଗଠନ ସଂପାଦକ ଗଙ୍ଗା ନାରାୟଣ ପାଢ଼ୀ, ସମ୍ମାନିତ ଅତିଥି ଭାବେ ସୁଶାନ୍ତ କର, ପୁଷ୍ପିତା ଦାସ, ଭାଗବତ ମିଶ୍ର ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ବୀରେନ୍ଦ୍ର କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ନେହଲତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ହୃଷିକେଶ ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଲକ୍ଷ୍ମୀଧର ମିଶ୍ର ବେଦପାଠ କରିଥିଲେ। ରଘୁନାଥ ବେହେରା, ଶାନ୍ତିଲତା ପଣ୍ଡା, ମୁକୁନ୍ଦ ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସ୍ମୃତିରେଖା ପତି, ପ୍ରତୀକ୍ଷା ପଣ୍ଡା ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ। ଏହି ସମ୍ମିଳନୀରେ ୧୨ଟି ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରହ୍ଲାଦ ନାୟକ, ନିରଞ୍ଜନ ବେହେରା, ସନାତନ ବେହେରା,ଉମାକାନ୍ତ ବୋହରା, ଅନ୍ନପୂର୍ଣ୍ଣା ପ୍ରଧାନ, ପୁଷ୍ପଲତା ନାୟକ ଓ ମଞ୍ଜୁଲତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ ଆଗରେ ଅଙ୍ଗନୱାଡି କର୍ମୀ ସଂଘର ବିକ୍ଷୋଭ

**ଜଳେଶ୍ୱର, ୨୮।୩(ଡି.ଏନ୍.ଏ.)**

ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ଡାକରାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ସୋମବାର ୧୨ଦଫା ଦାବି ନେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ୨ଦିନ ଧରି ଏହି ବିକ୍ଷୋଭ ଆରମ୍ଭ ହୋଇଥିଲେ ମଧ ଅଙ୍ଗନୱାଡି, ଆଶାକର୍ମୀ, ମଧ୍ୟାହ୍ନଭୋଜନ ପାଚିକା, ହେଲପରଙ୍କୁ ସାମାଜିକ ସୁରକ୍ଷା ଓ ସର୍ବନିମ୍ନ ମଜୁରୀ ମୂଳ ପ୍ରଦାନ, ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଅଣସଙ୍ଗଠିତ କର୍ମଚାରୀଙ୍କୁ ସୁରକ୍ଷା ଦେବା, ଆୟକର ଦେଉ ନ ଥିବା ବ୍ୟକ୍ତିଙ୍କୁ ୭୫୦୦ ଟଙ୍କା ପ୍ରଦାନ, ପ୍ରତ୍ୟେକ ଶ୍ରମିକଙ୍କୁ ୨୦୦ଦିନର କାର୍ଯ୍ୟ ଯୋଗାଇ ଅର୍ଥ ପ୍ରଦାନ କରିବା, ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଯୋଗାଇବା, ସାମଗ୍ରୀ କିଣାରେ ଅଧିକ ଅର୍ଥବରାଦ କରିବା ଆଦି ଅନ୍ତର୍ଭୁକ୍ତ। ଏଥିରେ ଜଳେଶ୍ୱର ଶାଖା ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଆବାହକ ତୃପ୍ତିରାଣୀ ମହାନ୍ତି, କୋଷାଧ୍ୟକ୍ଷ ମମତାଦାସ ମହାପାତ୍ର, ସମ୍ପାଦିକା କଳ୍ପନା ଦେ, ସୁଚିସ୍ମିତା ନନ୍ଦୀ, ବାସନ୍ତୀ ଦାସ, ଚମ୍ପାବତୀ ନାଗ, କଳ୍ପନା ଘଡେଇ, ପ୍ରତିଭା ପାତ୍ର, ବେଜି ହେମ୍ବ୍ରମ, ସରସ୍ୱତୀ ପାଳ, ମାଧୁରୀ ଘୋଷ, ବିଣାପାଣୀ କର, ତାଇରା ବିବି, କବିତା ଦାସ, ପୁରବି ଦାସ, ବେବି ଦଳପତି, ଯଜ୍ଞେଶ୍ୱରୀ ଡଗର, ସୁଜାତା ରାଓ, ମିନାରାଣୀ ଦେ, ରାଜେଶ୍ୱରୀ କାଟାଲ, ଭାରତୀ ସାହୁ, ଶାନ୍ତି ଚୌଧୁରୀ, ସୀତା ମାରାଣ୍ଡି, ବେବିରାଣୀ ଦାସ ଓ ଗୁରୁବାର ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସିନିୟର ଟେନିସ୍ ବଲ୍ କ୍ରିକେଟ ଦଳରେ ଭଦ୍ରକରୁ ୯

**ଭଦ୍ରକ ଅଫିସ, ୨୮।୩**

ମହାରାଷ୍ଟ୍ର ନାଗପୁରଠାରେ ଆୟୋଜିତ ୩୨ତମ ଜାତୀୟସ୍ତରୀୟ ବରିଷ୍ଠ ଟେନିସ୍ ବଲ କ୍ରିକେଟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଟେନିସ୍ ବଲ୍ ସଂଘ ପୁରୁଷ ଓ ମହିଳା ଦଳ ନାଗପୁର ଯାତ୍ରା ଆରମ୍ଭ କରିଛି। ସୋମବାଠାରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସିନିୟର ଟେନିସ୍ ବଲ୍ କ୍ରିକେଟ ଦଳରେ ଭଦ୍ରକ ଜିଲାରୁ ୯ଜଣ ତଥା ୪ ପୁଅ ଓ ୫ ଝିଅ ସ୍ଥାନ ପାଇଛନ୍ତି। ସେମାନେ ହେଲେ ଶ୍ରୀତମ ମହାନ୍ତି, ସିଲୁ ଜେନା, ପ୍ରଭୁକଲ୍ୟାଣ ଦାସ, ବିଭୁପ୍ରସାଦ ନାୟକ, ଇତିଶ୍ରୀ ସେଠୀ, ନମ୍ରତା ସ୍ୱାଇଁ, ସନ୍ତୋଷିନୀ ତ୍ରିପାଠୀ, ଅପର୍ଣ୍ଣାରାଣୀ ସାହୁ ଓ ସୁମିତ୍ରା ପାଣିଗ୍ରାହୀ। ଜିଲା ଟେନିସ୍ ବଲ୍ ସଂଘର ସମ୍ପାଦକ ଦେବବ୍ରତ ଜେନା, ସଭାପତି ଜ୍ଞାନେନ୍ଦ୍ର କୁମାର ମହାନ୍ତି, ଉପସଭାପତି ମନୋଜ ଦାଶ, ଚେୟାରମ୍ୟାନ ମୃତ୍ୟୁଞ୍ଜୟ ମହାନ୍ତି, କୋଷାଧ୍ୟକ୍ଷ ସହୀଦ ଖାନ୍, କ୍ରୀଡ଼ା ଶିକ୍ଷକ ମନୋଜ କୁମାର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ଶୁଭକାମନା କରିଛନ୍ତି।



ଦଳରେ ସ୍ଥାନ ପାଇଥିବା ଭଦ୍ରକର ଖେଳାଳି।

# ଛାତ୍ରୀ ଆତ୍ମରକ୍ଷା ତାଲିମ

**ଖଇରା, ୨୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗର୍ସଙ୍ଗସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାରଠାରୁ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଅଧ୍ୟକ୍ଷ ସେନାପତି ମୁଖ୍ୟଅତିଥି, ଅଧ୍ୟାପକ ମନିନ୍ଦ୍ର ଦୀକ୍ଷିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସାମାଜିକ ଅବସ୍ଥାରେ ଛାତ୍ରୀମାନେ ଅସୁରକ୍ଷିତ ହୋଇପଡୁଥିବାରୁ ସରକାରଙ୍କ ଏହି କାର୍ଯ୍ୟକ୍ରମ ସମୟୋପଯୋଗୀ ବୋଲି କହିଥିଲେ। ପରିଚାଳକ ଅଧ୍ୟାପକ ରୁଦ୍ର କର, ସହ ପରିଚାଳକ ବସନ୍ତ ବାରିକ, ପ୍ରଶିକ୍ଷିକା ମମତା ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଡାକ୍ତର ପଦବୀ ପୂରଣ ଦାବି କଲା ବିକାଶ ପରିଷଦ


ବିକାଶ ପରିଷଦ ପକ୍ଷରୁ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଚମ୍ପୁଆ, ୨୮।୩(ଡି.ଏନ.ଏ.)**

୧୯୧୦ ମସିହାରେ ନିର୍ମିତ ପୁରାତନ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅଭାବଜନିତ କାରଣରୁ ରୋଗୀସେବା ବ୍ୟାହତ ହେବାରେ ଲାଗିଛି। ଅଭାବ ରହିଥିବା ଡାକ୍ତର ପଦବୀ ପୂରଣ ପାଇଁ ରୋଗୀକଲ୍ୟାଣ ସମିତି ବୈଠକ ହେଉ ବା କୌଣସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ଗସ୍ତ ହେଉ ସବୁସମୟରେ ଏନେଇ ଅଭିଯୋଗ କରାଯାଉଥିଲେ ମଧ ଆଜିପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଅନ୍ୟପକ୍ଷରେ ଡାକ୍ତରମାନଙ୍କର ବଦଳି ହେଉଥିଲେ ମଧ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତ କରାଯାଉନାହିଁ। ଏହି ଚିକିତ୍ସାଳୟ ଉପରେ ଝାଡଖଣ୍ଡ ରାଜ୍ୟର ବହୁ ଅଞ୍ଚଳ, ମୟୂରଭଞ୍ଜ ଜିଲାର ଅନେକ ଅଞ୍ଚଳ ସହିତ ସ୍ଥାନୀୟ ରୋଗୀ ନିର୍ଭର କରୁଛନ୍ତି। ମାତ୍ର ଡାକ୍ତର ଅଭାବ କାରଣରୁ ରୋଗୀ ଠିକ ସେବା ପାଇବାରୁ ବଞ୍ଚିତ ହୋଇ ଆର୍ଥିକ କ୍ଷତିସହି ଜିଲା ଚିକିତ୍ସାଳୟକୁ ଯିବାପାଇଁ ବାଧ୍ୟ ହେଉଛନ୍ତି। ଡାକ୍ତର ପଦବୀ ସହିତ ଆବଶ୍ୟକ ନର୍ସ ପଦବୀ ମଧ ଖାଲି ରହିଥିବାରୁ ସୀମିତ ନର୍ସ ମାଧ୍ୟମରେ ସେବା ଯୋଗାଯାଉଛି। ଏନେଇ ଚମ୍ପୁଆ ବିକାଶ ପରିଷଦ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁଙ୍କ ମାଧ୍ୟମରେ ପଦବୀ ପୂରଣ ପାଇଁ ଅନୁରୋଧ କରିବା ସହିତ ଡାକ୍ତର ପଦବୀ ପୂରଣ ନହେଲେ ଆଗାମି ଦିନରେ ଅପ୍ରୀତିକର ପରିସ୍ଥିତି ପାଇଁ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଦାବି ଜଣାଇଛି।

# ଥାନା ଆଗରେ ଚାଳକ ସଂଘର ବିକ୍ଷୋଭ

**ଜଳେଶ୍ୱର, ୨୮।୩(ଡି.ଏନ୍.ଏ.)**

#### ଜାତୀୟ ରାଜପଥରେ ବସ୍ ଚାଳକଙ୍କୁ ମାଡ ଘଟଣା
■ ଜଣଙ୍କୁ ଉଠାଇନେଲା ପୋଲିସ

୬୦ନଂ. ଜାତୀୟ ରାଜପଥର ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ନହଞ୍ଜରା ବାଇପାସ୍‌ଠାରେ ଗତ ୨୪ତାରିଖରେ ଭୁବନେଶ୍ୱରରୁ କୋଲକତା ଯାଉଥିବା ନୀଳମାଧବ ବସ୍‌ର ଚାଳକ ଓ ହେଲପରଙ୍କୁ ମାଡମାରି ଲୁଟ୍ ଘଟଣାରେ ସ୍ଥାନୀୟ ବସ୍ ଚାଳକ ସଂଘ ସୋମବାର ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ପୋଲିସ ତତ୍ପରତା ପ୍ରକାଶ କରି ଅଭିଯୁକ୍ତ କାଳିଆ ଦାସଙ୍କୁ ଗିରଫ କରିବା ସହ ତାଙ୍କ କାର୍(ନଂ.ଜେ.ଏଚ୍‌୦୫ସିଓୟ-୮୪୦୮)କୁ ଜବତ କରିଛି। ଫଳରେ ଚାଳକ ସଂଘ ଆଶ୍ୱସ୍ତି ପ୍ରକାଶ କରିବା ସହ ଅନ୍ୟ ୯ଜଣଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏଥିରେ ସଭାପତି ଚନ୍ଦନ ଭଟ୍ଟାଚାର୍ଯ୍ୟ, ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, ଭାସ୍କର ମାହାଲା, ସତ୍ୟନାରାୟଣ ସେନାପତି, ଅଭିଜିତ୍ ମାଝି, ଲକ୍ଷ୍ମୀକାନ୍ତ ସିଂ, କମଳଲୋଚନ ପ୍ରଧାନ, ଭୀମ କିସ୍କୁ, ଜିତୁ ଦାସ ଓ ଗୋପୀ ମିର୍ଦ୍ଧା ପ୍ରମୁଖ ଶତାଧିକ ଚାଳକ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ ।

# ଗଙ୍ଗାଧରଙ୍କ ସମାରୋହ ପ୍ରଚେଷ୍ଟାକୁ ପ୍ରଶଂସା

**ବାଲେଶ୍ୱର ଅଫିସ, ୨୮।୩**



ବାର୍ଷିକ ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଜିଲା ବଣପାହାଡ଼ ଘେରା ନୀଳଗିରି ସବ୍‌ଡିଭିଜନ୍‌ର ମଫସଲ ଗାଁ ଅଁଳାପାଳଠାରେ କବି ଗଙ୍ଗାଧର ଦାସଙ୍କ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ 'ନୀଳପ୍ରଭା ସାହିତ୍ୟ ପରିଷଦ'ର ୨୯ତମ ବାର୍ଷିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ବାର୍ଷିକ ମୁଖପତ୍ର 'ନୀଳପ୍ରଭା-୨୦୨୨' ସମେତ କବି ଗଙ୍ଗାଧର ଦାସଙ୍କ 'ଏକପଦୀ ଶତକ' କବିତା ସଂକଳନ, କବି ବିଜୟ ଉପାଧ୍ୟାୟଙ୍କ 'ଦିଦାଂ ଦାଦନ ଦିଦାଂ' କବିତା ପୁସ୍ତକ' ଉନ୍ମୋଚିତ ହୋଇଛି।

ଉତ୍ସବରେ କବି ଗଙ୍ଗାଧର ଦାସ ସଭାପତିତ୍ୱ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ପ୍ରଥମ ଅଧିବେଶନ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ। କବିତାଗୁଡ଼ିକୁ ସଂଯୋଜନା କରିଥିଲେ କବୟିତ୍ରୀ ତାନଶ୍ରୀ ପାଣିଗ୍ରାହୀ, ପଦ୍ମଲୋଚନ ପ୍ରଧାନ ଓ ରାମଚନ୍ଦ୍ର ମାଝୀ। ଭକ୍ତଶ୍ରୀ ଦାସ ଧନ୍ୟବାଦ ଦେଇଥିଲେ । ସେହିପରି ଦ୍ୱିତୀୟ ଅଧିବେଶନ ପୁସ୍ତକ ଉନ୍ମୋଚନ ଓ ସାରସ୍ୱତ ସମ୍ମାନ ପ୍ରଦାନ ସମାରୋହରେ ରତ୍ନାକର ଟାଉନ୍ ହାଇସ୍କୁଲ୍ ନୀଳଗିରିର ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉଦ୍‌ଘାଟକ ଭାବେ ବରିଷ୍ଠ କବି ଡ. ଭରତ ବେହେରା ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ 'ରେବତୀ' ପତ୍ରିକା ସମ୍ପାଦିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ବିଜୟ ଉପାଧ୍ୟାୟ, ବରେଣ୍ୟ ଅତିଥି ଭାବେ କବି କାଳୀପଦ ପଣ୍ଡା, ଖବରଦାତା ସୃଷ୍ଟିଧର ପରିଡ଼ା, କବି ପର୍ଶୁରାମ ସାହୁ, କବି କାଳିକିଙ୍କର ଦାସ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସାହିତ୍ୟର ବିବିଧ ଦିଗ ଉପରେ ଆଲୋକପାତ କରି ଗ୍ରାମାଞ୍ଚଳରେ ଦୀର୍ଘବର୍ଷ ଧରି ଏଭଳି ଏକ ସାହିତ୍ୟ ସମାରୋହ ଆୟୋଜନ କରିବା ଦିଗରେ ଗଙ୍ଗାଧର ଦାସଙ୍କର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ଦ୍ୱାରା ପ୍ରକାଶିତ ପୁସ୍ତକଦ୍ୱୟର ଲେଖକ ଗଙ୍ଗାଧର ଦାସ ଓ ବିଜୟ ଉପାଧ୍ୟାୟ ନିଜର କବିତାପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ପାଇଁ ବରିଷ୍ଠ କବି ବ୍ରଜେନ୍ଦ୍ରନାଥ ଗିରି ଓ ରାଜୀବଲୋଚନ ଚୌଧୁରୀଙ୍କୁ 'ନୀଳପ୍ରଭା ସାରସ୍ୱତ ସମ୍ମାନ' ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା।

**ଛାତ୍ରୀ ଆତ୍ମରକ୍ଷା ଶିବିର**

ରେମୁଣା, (ଡି.ଏନ.ଏ.): ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତର ଶ୍ରୀଜଗନ୍ନାଥ ହାୟାର ସେକେଣ୍ଡାରୀ ସ୍କୁଲରେ ଛାତ୍ରୀ ଆତ୍ମରକ୍ଷା ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସଭା କଲେଜ ଅଧକ୍ଷ ପ୍ରଶାନ୍ତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମାର୍କଣ୍ଡ ସେଠୀ ଯୋଗଦେଇଥିଲେ। ପ୍ରଶିକ୍ଷିକା ଭାବେ ସୁଶ୍ରୀ କ୍ଷଣପ୍ରଭା ସ ଯୋଗଦେଇଥିଲେ। ମହାବିଦ୍ୟାଳୟ ପ୍ରୋଗ୍ରାମ କୋର୍ଡ଼ିନେଟର ତଥା ଗୃହବିଜ୍ଞାନ ଡେମୋନଷ୍ଟ୍ରେଟର ପ୍ରିୟଙ୍କା ମହାନ୍ତି, ସଂସ୍କୃତ ଅଧାପକ ଡ. ସତୀଶ ଚନ୍ଦ୍ର ପଟ୍ଟନାୟକ, ବରିଷ୍ଠ କିରାଣି ଉମାକାନ୍ତ ଘୋଷ, ରାମହରି ସେଠୀ ତଥା ବହୁ କର୍ମଚାରୀ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବାରିପଦା ମୋହରିର ସଂଘର କାର୍ଯ୍ୟକାଳ ବଢ଼ିଲା

**ବାରିପଦା ଅଫିସ, ୨୮।୩:** ବାରିପଦା ମୋହରିର ସଂଘର ଏକ ସାଧାରଣ ବୈଠକ ସୋମବାର ବାରିପଦା କଚେରି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ନିୟମ ଅନୁଯାୟୀ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ପରେ ସମସ୍ତ କର୍ମକର୍ତ୍ତା ଓ ସାଧାରଣ ସଦସ୍ୟଙ୍କ ଉପସ୍ଥିତିରେ ନିର୍ବାଚନ ସମ୍ପର୍କିତ ଆଲୋଚନା କରାଯାଇଥିଲା। ସଂଘର ସଦସ୍ୟ ଅରୁଣ କୁମାର ଘୋଷ ଓ ବିଦ୍ୟାଧର ରାଜଙ୍କ ପରାମର୍ଶ ଅନୁଯାୟୀ ସମ୍ମତିକ୍ରମେ ପୂର୍ବ ନିର୍ବାଚିତ କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଆଗାମୀ ଦୁଇବର୍ଷ ପାଇଁ କମିଟି କାର୍ଯ୍ୟ କରିବାକୁ ବୈଠକରେ ସ୍ଥିର ହୋଇଛି। ଏହି କମିଟିରେ ଶରତ ଚନ୍ଦ୍ର ନାୟକ ସଭାପତି, ଚତୁର୍ଭୁଜ ପାତ୍ର ଉପସଭାପତି, ସଂଗ୍ରାମ ଶତପଥୀ ସମ୍ପାଦକ, ସୁଶାନ୍ତ ପାଢ଼ୀ ସହସମ୍ପାଦକ ଓ ଯତୀନ ଚନ୍ଦ୍ର ଗିରି କୋଷାଧକ୍ଷ ଅଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟି ସଦସ୍ୟ ଭାବେ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ବସନ୍ତ କୁମାର ପାଣିଗ୍ରାହୀ, ଅନନ୍ତ କୁମାର ଦାସ, ବିଜୟାନନ୍ଦ ଦେଓ, ପୀତାମ୍ବର ମଲ୍ଲିକ, ସୁଶୀଲ ପଟ୍ଟନାୟକ, ଧାନରାମ ସୋରେନ, ପିଥ ମାର୍ଣ୍ଡି, ସଦାଶିବ ବେହେରା, ରତ୍ନାକର ସିଂ, ତପନ କୁମାର ପଲେଇ ରହିଛନ୍ତି।

### କେନାଲରୁ ମିଳିଲା ଯୁବକଙ୍କ ମୃତଦେହ

**ବାରିପଦା ଅଫିସ,୨୮।୩:** ବାରିପଦା ସଦର ଥାନା ଅଧୀନ ସିନ୍ଦୂରଗୌରା କେନାଲରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ମୁନା ସିଂ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ତିନିଦିନ ପୂର୍ବରୁ ମୁନା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ସୋମବାର କେନାଲରେ ମୁନାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ମୃତଦେହ ବାହାର କରିବା ପରେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ଗୋରୁ ଗାଡି ଜବତ, ୨ ଗିରଫ

**ଭଣ୍ଡାରିପୋଖରୀ, ୨୮।୩(ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ମୋବାରକପୁରଠାରେ ସ୍ଥାନୀୟ ପୋଲିସ ସୋମବାର ଏକ ଗୋରୁ ବୋଝେଇ ପିକଅପ ସହ ୪ ଗୋରୁ ଜବତ କରିଛି। ଜବତ ଗୋରୁଙ୍କୁ ଭଦ୍ରକ ମଇତାପୁରସ୍ଥିତ ଗୋଶାଳାରେ ଛଡାଯାଇଛି। ଏନେଇ ଭଣ୍ଡାରିପୋଖରୀ ଥାନାରେ ମାମଲା(ନଂ. ୧୨୧/୨୨) ରୁଜୁ କରାଯାଇ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫ ଭଦ୍ରକ ନଙ୍ଗାମହଲା ଅଞ୍ଚଳର ମନୋଜ କାଦ୍ରୀ ଓ ଭଣ୍ଡାରିପୋଖରୀ ଥାନା ରେବ ଗ୍ରାମର ନିଶିକାନ୍ତ ପାତ୍ରଙ୍କୁ କୋର୍ଟଚାଲାଣ କରାଯାଇଛି।

### ଓଲଟିଲା ଗୁଟ୍‌ଖା ବୋଝେଇ ଟ୍ରକ

ପାଟଣା, ୨୮।୩(ସ୍ୱ. ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଶରଧାପୁର ବାଉଁଶୁଳି ରାସ୍ତାର ଜଡିଚାତର ନିକଟରେ ସୋମବାର ସନ୍ଧ୍ୟାରେ ଏକ ଗୁଟଖା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡିଛି। ଫଳରେ ଗାଡି ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏହି ଟ୍ରକ ବାଉଁଶୁଳି ଅଭିମୁଖେ ଯାଉଥିବା ବେଳେ ଜଡିଚାତର ନିକଟରେ ଥିବା ବାଙ୍କ ନିକଟରେ ଗାଡିଟି ଓଲଟି ପଡିଥିଲା। ତୁରୁମୁଙ୍ଗା ପୋଲିସ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ସରିଲା ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ

ବନ୍ତ,୨୮।୩(ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ହେମପଦ୍ମ ଗାଲାକ୍ସିଠାରେ ଚାଲିଥିବା ଅଷ୍ଟମ ବାର୍ଷିକୀ ଉତ୍କଳକେଶରୀ ଆଗରପଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବନ୍ତ ତହସିଲଦାର ଅଙ୍କିତା ବାରିକ ଯୋଗଦେଇ ଆଗରପଡ଼ା ଭଳି ଐତିହାସିକ ମାଟିରେ ଏଭଳି ମହୋତ୍ସବ ଆୟୋଜନ ଦ୍ୱାରା ଭାଇଚାରା ସମ୍ପର୍କ ବୃଦ୍ଧି ହେଉଛି ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଓ ଅନ୍ୟତମ ଅତିଥି ଭାବେ ରାଜ୍ୟ ଭାଜପା ସମ୍ପାଦକ ଅଭିମନ୍ୟୁ ସେଠୀ, ଭାଜପା ନେତା ବଦ୍ରିନାରାୟଣ ଧଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ମହତାବ ମଣ୍ଡଳ ସଭାପତି ଶିବାନନ୍ଦ ଦାଶ ଅଧିକାରୀ, ଉପଦେଷ୍ଟା ହରମୋହନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ପୁରୀ-ବଡ଼ବିଲ ଇଣ୍ଟରସିଟି ଶୀଘ୍ର ଚାଲିବ

### କେନ୍ଦୁଝର ଗସ୍ତରେ ଦକ୍ଷିଣ-ପୂର୍ବ ଓ ପୂର୍ବତଟ ରେଳପଥର ଜିଏମ୍

କେନ୍ଦୁଝର, ୨୮।୩(ଡି.ଏନ୍.ଏ./ସ୍ୱ.ପ୍ର.)

ଦକ୍ଷିଣ ପୂର୍ବ ଓ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର(ଜି.ଏମ୍) ଅର୍ଚ୍ଚନା ଯୋଶୀ ଓ ଖୋର୍ଦ୍ଧା ରୋଡସ୍ଥିତ ଡିଭିଜନାଲ ମ୍ୟାନେଜର ରିଙ୍କେଶ ରାୟ ଏକ ମିଳିତ ପରିଦର୍ଶନରେ ସୋମବାର କେନ୍ଦୁଝର ରେଳ ଷ୍ଟେଶନକୁ ଆସିଥିଲେ। ଏହି ଗସ୍ତ ସମୟରେ କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଇଂ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ଦଳ ସହିତ ଜିଲାର ବିଭିନ୍ନ ସମସ୍ୟା ଏବଂ ଫୋରମ ପକ୍ଷରୁ ଦିଆଯାଇଥିବା ଦାବି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ସ୍ମାରକପତ୍ର ଅନୁସାରେ କେନ୍ଦୁଝର ସିଟିଜେନ ଫୋରମ ଅଗ୍ରାଧିକାର ଭିତ୍ତିରେ ପୁରୀ-ବଡବିଲ ଇଣ୍ଟରସିଟି ଟ୍ରେନ୍ ଚଳାଇବାର ଅନୁରୋଧ କରିଥିଲେ ଏବଂ ବରିଷ୍ଠ ଅଧିକାରୀଗଣ ୭ ଦିନ ମଧ୍ୟରେ ପୁରୀ-ବଡବିଲ ଇଣ୍ଟରସିଟି ଟ୍ରେନ୍ ଚଳାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଇଂ ଅଜୟ ସାହୁ ଅଧିକାରୀଗଣଙ୍କୁ ଅନୁରୋଧ କରି କହିଥିଲେ କି କେନ୍ଦୁଝର ସିଟିଜେନ ଫୋରମ କେନ୍ଦୁଝର ରେଳବାଇ ଉପରେ ଦାବି କରିଥିବା ଦୂରଦୃଷ୍ଟି ସମ୍ପନ୍ନ କଳ୍ପନା ପତ୍ରକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ଉପସ୍ଥାପନ କରିଥିଲେ। ଏହି ଦାବି କାର୍ଯ୍ୟକ୍ଷମ ହେଲେ କେନ୍ଦୁଝର ଜିଲାରେ ଅନେକ ଶିଳ୍ପାୟନ ହୋଇପାରିବ। ଯେଉଁଥିରେ କେନ୍ଦୁଝରର ଆର୍ଥିକ ଉସ୍ର ବଳବତ୍ତର ହେବା ସହ ନିଯୁକ୍ତି ସୃଷ୍ଟି ହେବ। ଉକ୍ତ ଅଧିକାରୀଙ୍କୁ ଦିଆଯାଇଥିବା ବିଭିନ୍ନ ଦାବିଗୁଡିକ ମଧ୍ୟରେ ଯଖପୁରା ବାଂଶପାଣି ରେଳପଥର ଦୋହରୀକରଣ ଓ ବୈଦ୍ୟୁତିକରଣ କାର୍ଯ୍ୟର ଶୀଘ୍ର ସମାପ୍ତି, କେନ୍ଦୁଝର ଦେଇ ଭୁବନେଶ୍ୱର-ଦିଲ୍ଲୀ ମଧ୍ୟରେ ଦୁଇଟି ପାସେଞ୍ଜର ଟ୍ରେନ୍ ଚଳାଚଳ, ବଡ଼ବିଲ-ବାଂଶପାଣି ସଂଯୋଗୀକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ, କେନ୍ଦୁଝର-ବାଦାମପାହାଡ ସଂଯୋଗୀକରଣ, କେନ୍ଦୁଝରଠାରୁ ହରିଚନ୍ଦନପୁର ଓ ଆନନ୍ଦପୁର ଦେଇ ଭଦ୍ରକକୁ ନୂତନ ରେଳପଥ ଶୁଭାରମ୍ଭ, ଅନୁଗୋଳଠାରୁ କେନ୍ଦୁଝର ରାସ୍ତା ଦେଇ ଖଡଗପୁର ପର୍ଯ୍ୟନ୍ତ ନୂତନ ରେଳପଥର ବିକାଶ, କେନ୍ଦୁଝରଠାରୁ ହାୱଡା ଏକ ଦୈନିକ ଇଣ୍ଟରସିଟି ଚଳାଚଳର ବ୍ୟବସ୍ଥା, ସର୍ବୋପରି କେନ୍ଦୁଝରଠାରେ ଏକ ରେଳଡବା କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଏବଂ କେନ୍ଦୁଝର ରେଳ ଷ୍ଟେଶନଠାରୁ କେନ୍ଦୁଝର ସରକାରୀ ମେଡିକାଲ କଲେଜ ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ନିର୍ମାଣ କରିବା ଆଦି ରହିଛି।



କେନ୍ଦୁଝରଗଡ ଷ୍ଟେଶନରେ ଅଧିକାରୀ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି।

# ଯୁବ ବ୍ୟବସାୟୀଙ୍କ ମୃତ୍ୟୁ, ଜଣେ ଗୁରୁତର

### ନିର୍ମାଣାଧୀନ ପୋଲ ତଳକୁ ଖସିପଡ଼ିଲା ବାଇକ୍

■ ରାସ୍ତା ନିର୍ମାଣକାରୀ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ, କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ବାସୁଦେବପୁର, ୨୮।୩ (ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ଗୁଆଗାଁ ଛକଠାରେ ସୋମବାର ଏକ ନିର୍ମାଣାଧୀନ ପୋଲ ତଳକୁ ଖସିପଡ଼ି ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାସୁଦେବପୁର ବ୍ଲକ ବାଷଠୀ ଗ୍ରାମର ବିପିନ କୁମାର ବେହେରା(୩୦)। ଏହି ଦୁର୍ଘଟଣାରେ ବିପିନଙ୍କ ସହ ଥିବା ତାଙ୍କ ବନ୍ଧୁ ବ୍ରହ୍ମପୁରର ବାଲିଗଡ଼ ଗାଁର ମୁକେଶ କୁମାର ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ପାଇଁ ନିର୍ମାଣକାରୀ ସଂସ୍ଥାକୁ ଦାୟୀ କରିବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ସୋମବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ବିପିନଙ୍କ ବାପା ନବକିଶୋର ରବିବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବିପିନ ସେଠାରୁ ବାଇକ୍‌ରେ ବାସୁଦେବପୁର ଅଭିମୁଖେ ଆସୁଥିବା ବେଳେ ଉକ୍ତ ପୋଲ ନିକଟରେ ଭାରସାମ୍ୟ ହରାଇବା ଫଳରେ ଗାଡ଼ିଟି ତଳକୁ ଖସି ପଡ଼ିଥିଲା। ଫଳରେ ସେ ପୋଲ କଂକ୍ରିଟ ପିଲରରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା ନିର୍ମାଣକାରୀ ସଂସ୍ଥା ଦୀର୍ଘଦିନ ଧରି ଏହି ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ କରୁ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ, କଂଗ୍ରେସ ନେତା ଅଶୋକ କୁମାର ଦାସ, କାଉନ୍‌ସିଲର ଭକ୍ତରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଖିଲାର ପ୍ରମୁଖ ଉକ୍ତ ପୋଲଠାରେ ରାସ୍ତା ଅବରୋଧ କରିଥିଲେ। ପୋଲ ଓ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେମାନେ ଦାବି କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।



ଗୁଆଗାଁ ଛକ ସ୍ଥିତ ପୋଲଠାରେ ଉତ୍ତ୍ୟକ୍ତ ଲୋକେ ନିର୍ମାଣ ସାମଗ୍ରୀ ଜାଳି ଦେଇଛନ୍ତି।

### ପରାଜିତ ପ୍ରାର୍ଥୀଙ୍କୁ ଆକ୍ରମଣ ଉଦ୍ୟମ ଘଟଣାକୁ ନିନ୍ଦା

ଯୋଡ଼ା,୨୮।୩ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିବା ରବୀନ୍ଦ୍ର କୁମାର ଦାସଙ୍କୁ ରବିବାର ରାତିରେ ଆକ୍ରମଣ ଉଦ୍ୟମ କରାଯାଇଥିଲା। ଏହି ଘଟଣାକୁ ନବ ନିର୍ବାଚିତ ଯୋଡ଼ା ପୌରାଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ ନିନ୍ଦା କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ରବୀନ୍ଦ୍ର ସମର୍ଥକମାନଙ୍କ ସହ ତାଙ୍କ ବାସଭବନରେ ଥିବାବେଳେ ଏକ ନାନୋ କାର୍‌ରେ ୩ ଜଣ ଦୁର୍ବୃତ୍ତ ଆସି ଅତର୍କିତ ଭାବେ ଭୁଜାଲି ଧରି ପଶିଯାଇଥିଲେ। ରବୀନ୍ଦ୍ରଙ୍କ ସମର୍ଥକମାନେ ଦୁଇଜଣଙ୍କୁ କାବୁ କରି ମାରଣାସ୍ତ୍ର ଛଡ଼ାଇ ନେଇଥିଲେ। ଏହି ସମୟରେ ଅନ୍ୟ ଜଣେ ଦୁର୍ବୃତ୍ତ ସେଠାରୁ ଖସି ପଳାଇଥିବା ବେଳେ ବ୍ୟବହାର କରିଥିବା ନାନୋକୁ ଛାଡ଼ି ଯାଇଛନ୍ତି। ଖବର ପାଇ ଯୋଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକେ ଅଟକ ଦୁଇ ଦୁର୍ବୃତ୍ତଙ୍କୁ ଜିମା ଦେଇଥିଲେ।

### ରାଜ୍ୟସ୍ତରୀୟ କନିଷ୍ଠ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର

କେନ୍ଦୁଝର, ୨୮।୩(ଡି.ଏନ୍.ଏ.)

କେନ୍ଦୁଝର ସଦର ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ ଜେଲରୋଡଠାରେ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ରାଜ୍ୟସ୍ତରୀୟ କନିଷ୍ଠ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଜିଲା ଶିକ୍ଷା ପରିଦର୍ଶକ ଉମାଧର ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟବକ୍ତା, ଜିଲା ରେଡ୍‌କ୍ରସ ସମ୍ପାଦକ ଏ. ଆର୍. ଖାନ୍, ପୂର୍ବତନ ଶିକ୍ଷା ପରିଦର୍ଶକ ସର୍ଦ୍ଦାର ବାରିକ ଏବଂ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ରେଡ୍‌କ୍ରସ ଅଧିକାରୀ ପ୍ରଶାନ୍ତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା କର୍ମଚାରୀ ସଚି ମହାକୁଡ ତ୍ୱରାନ୍ୱିତ କରିଥିଲେ।

# ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର ୨୮।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଚିତ୍ତରଞ୍ଜନ ମହାପାତ୍ର ଏହାର ବିଚାର କରି ଅଭିଯୁକ୍ତ ଟାଉନ ଥାନା ଶିରିଷଖୁଣ୍ଟା ଗ୍ରାମର ପଠାଣି ପ୍ରଧାନଙ୍କୁ ଗୋଟିଏ ଦଫାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା ଓ ଅନ୍ୟ ଏକ ଦଫାରେ ୧୦ ବର୍ଷ ଜେଲ, ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ତେବେ ଦୁଇଟି ଦଫାରେ ଜରିମାନା ଅନାଦାୟ ଅଧିକ ୧ ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୭ ସେପ୍ଟେମ୍ବର ୨୫ତାରିଖ ସନ୍ଧ୍ୟାରେ ପଠାଣି ଭାଲିଆଡାଳ ଗାଁସ୍ଥିତ ତାଙ୍କ ଭଉଣୀ ଘରକୁ ବୁଲିବାକୁ ଆସିଥିଲେ। ସନ୍ଧ୍ୟାରେ ସେଠାରେ ଗ୍ରାମର କେତେକ ଲୋକଙ୍କ ସହିତ ମଦ୍ୟପାନ ସହ ଗଣ୍ଡଗୋଳ କରିଥିଲେ। ରାତି ପ୍ରାୟ ୧୦ଟାରେ ପଠାଣି ନିଶାସକ୍ତ ଅବସ୍ଥାରେ ଅଭିଯୋଗକାରୀ ଦସରୁ ଦେହୁରୀଙ୍କ ଘରକୁ ଆସି ଶୋଇଥିବା ତାଙ୍କ ମା' ଜୟୀଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରି ହତ୍ୟା କରିଥିଲେ। ଏହା ପରେ ପଠାଣି ଅଭିଯୋଗକାରୀଙ୍କ କକା ବିର ଦେହୁରୀଙ୍କ ଘରକୁ ଯାଇ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ତାଙ୍କୁ ପିଛା କରି ଦସରୁ ତାଙ୍କ କକା ଘରକୁ ଯାଇ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଦସରୁ ତାଙ୍କ କକାଙ୍କୁ ଛଡାଇବା ପାଇଁ ଉଦ୍ୟମ କରିବାରୁ ପଠାଣି ପାଖରେ ରହୁଥିବା ମହେଶ୍ୱର ପ୍ରଧାନଙ୍କ ଘରକୁ ଯାଇ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପାଟି ଶୁଣି ପାଖ ପଡୋଶୀ ପହଞ୍ଚିବାରୁ ପଠାଣି ଟାଙ୍ଗିଆକୁ ମହେଶ୍ୱରଙ୍କ ବାଡିରେ ପକାଇ ଦେଇ ଜଙ୍ଗଲକୁ ଯାଇ ଲୁଚିଥିଲେ। ୧୫ ଜଣ ସାକ୍ଷୀ, ପ୍ରମାଣ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଏହି ଦଣ୍ଡାଦେଶ ହୋଇଛି।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସମ୍ବର୍ଦ୍ଧନା ସଭା

ଖଇରା, ୨୮।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ହାଇସ୍କୁଲ ୧୯୯୦ ମସିହା ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ ହଦଗଡଠାରେ ଓ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୭ତାରିଖରେ ଛାତ୍ରୀଛାତ୍ରଙ୍କର ଏକ ଶୋଭାଯାତ୍ରା ବର୍ତ୍ତନା ସ୍କୁଲରୁ ବାହାରି ସାଇମନ୍ଦିର ହୋଇ ହଦଗଡରେ ପହଞ୍ଚିଥିଲା। ବିଦ୍ୟୁତପ୍ରଭା ରାଉତଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମକୁ ସଭାପତି ପ୍ରଭାତ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ପ୍ରଥମେ ଦିବଂଗତ ସଦସ୍ୟ ଗୋପାଳ ସୂତାରଙ୍କ ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ଏଥିମଧ୍ୟରେ ପ୍ରତ୍ୟେକ ବର୍ଷ ଦଶମ ପରୀକ୍ଷାରେ ମାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ପିଲାଙ୍କୁ ସମ୍ବର୍ଦ୍ଧିତ କରିବା, ଅର୍ଥାଭାବରୁ ପାଠପଢି ପାରୁ ନ ଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ, ସମାଜମଙ୍ଗଳ କାର୍ଯ୍ୟରେ ଛାତ୍ରୀଛାତ୍ରମାନେ ନିଜକୁ ସାମିଲ କରିବା ପାଇଁ ସମୂହସମ୍ମତି ପ୍ରଦାନ କରାଯାଇଥିଲା। ମାନସ କୁମାର ପୁହାଣ, ଜ୍ୟୋତିବିକାଶ ପ୍ରଧାନ, ଭବାନନ୍ଦ ଦାସ, ସୁରେଶ କୁମାର ବେହେରା, ବିନୋଦ ସ୍ୱାଇଁ, ଶାନ୍ତିଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୨୮ତାରିଖରେ ବିଦ୍ୟାଳୟ ପରିସରରେ ଶିକ୍ଷକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରାକ୍ତନ ପ୍ରଧାନ ଶିକ୍ଷକ କିଶୁ ଚରଣ ଗାହାଣ, ପରମାନନ୍ଦ ପଣ୍ଡା, ମନ୍ମଥ ପ୍ରଧାନ, ପ୍ରାକ୍ତନ ଗଣିତ ଶିକ୍ଷକ ନରହରି ସାହୁ, ହିନ୍ଦୀ ଶିକ୍ଷକ ନରହରି ସାହୁ, କିରାଣି ଅଭିମନ୍ୟୁ ରାଉତ, ଅନନ୍ତ ପ୍ରସାଦ ଗାହାଣ ପ୍ରମୁଖଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା ।



ବନ୍ଧୁମିଳନରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

# ଉତ୍ତରଓଡ଼ିଶାରେ ଭାରତ ବନ୍ଦର ଆଂଶିକ ପ୍ରଭାବ



ଭଣ୍ଡାରିପୋଖରୀରେ ଜାତୀୟ ରାଜପଥରେ ଗାଡ଼ିଗୁଡ଼ିକ ଅଟକି ରହିଛି।

### ଯାତାୟାତ ବାଧାପ୍ରାପ୍ତ

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୨୮।୩ (ଡି.ଏନ.ଏ.)

ଭଦ୍ରକ ଜିଲାରେ ସୋମବାର ଭାରତ ବନ୍ଦ ପାଳନ କରାଯାଇଥିବା ବେଳେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ସୋମବାର ସକାଳ ୬ଟାରେ ଏଆଇସିସିଟିୟୁ ପକ୍ଷରୁ ସଭାପତି ସମର ବଳ, ଜୟନ୍ତୀ ବିଶ୍ୱାଳ, କିଶୋର ଜେନାଙ୍କ ନେତୃତ୍ୱରେ ବହୁ କର୍ମୀ ସ୍ଥାନୀୟ ଷ୍ଟେଶନରେ ପହଞ୍ଚି ରେଳ ଧାରଣା ଉପରେ ବସି ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ କିଛି ସମୟ ପାଇଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରେଲୱେ ପୋଲିସ ୬ଜଣଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ଏଆଇସିସିଟିୟୁ ପକ୍ଷରୁ ୭ଟାରେ ଭଦ୍ରକ କଲେଜ ଛକ ସ୍ଥିତ ସାଳନ୍ଦୀ ବ୍ରିଜ୍ ଉପରେ ୧୬ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ଦଳର ଜିଲା ସଭାପତି ବଳଙ୍କ ସମେତ ଫକୀର ମୋହନ ମଲ୍ଲିକ, ରମାକାନ୍ତ ଦାସ, ରୁପା ପାତ୍ର, ଗାୟତ୍ରୀ ବେହେରା, ସୁଶାନ୍ତ ଦାସ, ଲକ୍ଷ୍ମୀଧର ସାମଲ ପ୍ରମୁଖ ଶତାଧିକ କର୍ମୀ ଏଥିରେ ସାମିଲ ଥିଲେ। ଭଦ୍ରକ ସହରର ଦୋକାନ ବଜାର ଖୋଲାଥିବା ଦେଖିବାକୁ ମିଳିଥିଲା। ସେହିପରି ଭଣ୍ଡାରିପୋଖରୀ ଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ୧୬ ନଂ. ଜାତୀୟ ରାଜପଥକୁ ଶ୍ରମିକମାନେ ବନ୍ଦ କରିବାରୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୪ ଘଣ୍ଟା ଧରି ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଥିଲା। ସେହିପରି ସରକାରୀ କାର୍ଯ୍ୟାଳୟଗୁଡ଼ିକ ଖୋଲା ରହିଥିଲେ ସୁଦ୍ଧା କର୍ମଚାରୀ ସଂଖ୍ୟା କମ୍ ରହିଥିବା ବେଳେ ସାଧାରଣ ଲୋକଙ୍କ ଯାତାୟାତ ମଧ୍ୟ ସେଭଳି ନ ଥିଲା। ସ୍ଥାନୀୟ ଚାଷୀ-ମୂଲିଆ ସଂଘ ସଦସ୍ୟମାନଙ୍କ ସହ ଅନେକ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ବନ୍ଦ ପାଳନରେ ସାମିଲ ହୋଇଥିଲେ।

### ଟ୍ରେନ ଅଟକାଇଲେ ବିକ୍ଷୋଭକାରୀ

ବାଲେଶ୍ୱର ଅଫିସ/ଖଇରା/ ଜଳେଶ୍ୱର/ଭୋଗରାଇ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ପ୍ରତିବାଦରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇଥିବା ଦୁଇଦିନିଆ ଭାରତ ବନ୍ଦର ଡାକରା ପ୍ରଭାବ ବାଲେଶ୍ୱରରେ ଆଂଶିକ ଅନୁଭୂତ ହୋଇଛି। ସୋମବାର ବାଲେଶ୍ୱର ରେଳଷ୍ଟେଶନରେ ଏଆଇୟୁଟିୟୁସି ପକ୍ଷରୁ ଦୀର୍ଘ ସମୟ ଧରି ବିଭିନ୍ନ ଟ୍ରେନକୁ ଅଟକାଇଥିଲେ। ବିଶେଷ କରି ଚେନ୍ନାଇ-ହାୱଡ଼ା ଏକ୍ସପ୍ରେସ, ଭଦ୍ରକ-ହାଓଡ଼ା ପାସେଞ୍ଜର ଟ୍ରେନ୍ ଏବଂ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ୍‌କୁ ବିକ୍ଷୋଭକାରୀମାନେ ବାଲେଶ୍ୱର ରେଳ ଷ୍ଟେଶନରେ ଅଟକାଇଥିଲେ। କିଛି ସମୟ ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ରେମୁଣା ଗୋଲେଇ ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରେ ଆନ୍ଦୋଳନକାରୀମାନେ ଅବରୋଧ କରିଥିଲେ। କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ଆବାହକ ତଥା ସିଟୁଏସିସିର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଏଆଇଟିୟୁସିରୁ ଶ୍ୟାମସୁନ୍ଦର ଜେନା ଓ ଜୟନ୍ତ ଦାସ, ସିଆଇଟିୟୁରୁ ରାଜକିଶୋର ଲେଙ୍କା, ଆଇଏନ୍‌ଟିୟୁସିରୁ ସୁରେଶ ଚନ୍ଦ୍ର ବେହେରା, ଏଆଇୟୁଟିୟୁସିରୁ ରବୀନ୍ଦ୍ର ବେହେରା, ଏଚ୍‌ଏମ୍‌ଏସ୍‌ରୁ ଅରୁଣ କୁମାର ସ୍ୱାଇଁ ପ୍ରମୁଖ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃବର୍ଗ ଆନ୍ଦୋଳନରେ ସାମିଲ ଥିଲେ।

ଖଇରା ବ୍ଲକ ଛକ ନିକଟରେ ବିଭିନ୍ନ ବାମପନ୍ଥୀ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପଥପ୍ରାନ୍ତ ସଭାରେ ଜଗତାନନ୍ଦ ମହାପାତ୍ର,ସନ୍ତୋଷ ସାହୁ,ବସନ୍ତ କୁମାର ମାଝୀ,ଭଗବାନ ଦାସ,ପ୍ରଶାନ୍ତ ବାରିକ,ପ୍ରଣତି ବେହେରା,ଉମାମଣି ବେହେରା,ଉତ୍ତମ ଦାସ,ଭଗବାନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

୬୦ ନଂ. ଜାତୀୟ ରାଜପଥର ଜଳେଶ୍ୱର ଲକ୍ଷ୍ମଣନାଥଠାରେ ସକାଳ ସାଢେ ୬ଟାରୁ ସାଢେ ୯ଟାଯାଏ ସମସ୍ତ ଯାନ ଚଳାଚଳ ଠପ୍ ରହିଥିଲା । ଫଳରେ ଉପାନ୍ତ ଟୋଲ ପ୍ଲାଜାଠାରେ ଶହ ଶହ ଯାନ ଦୁଇପଟୁ ଅଟକି ରହିଥିଲା। ଏଥିରେ ସାମ୍ୟବାଦୀ ନେତା ଶିଶିର ହୁଇ, ଦିଲୀପ ଗିରି, ଜିତାଂଶୁ ନନ୍ଦି, ସିତାଂଶୁ ସେନାପତି, ପଲ୍ଟୁ ଦାସ, ଜୟନ୍ତ ଘୋଷ, ରବୀନ୍ଦ୍ର ବାରିକ, ଦିଲୀପ ପରିଡ଼ା, ସେକ୍ ଅବଦୁଲ ସାଦ୍ଦିକ, ମମି ପଣ୍ଡା ପ୍ରମୁଖ ସାମିଲ ଥିଲେ। ଭୋଗରାଇ ସୀମାନ୍ତ ଥାନା ଛକଠାରେ ବାମପନ୍ଥୀ ସଂଗଠନ ପକ୍ଷରୁ ରାସ୍ତାରୋକୋ ଓ ପିକେଟିଂ କରାଯାଇଥିଲା। ନର ଶତାଧିକ କର୍ମୀ ଜଳେଶ୍ୱର -ଚନ୍ଦନେଶ୍ୱର ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ବସ୍ ଚଳାଚଳ ଠପ୍

ବାରିପଦା ଅଫିସ

କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ଦୁଇ ଦିନିଆ ଭାରତ ବନ୍ଦ ଡାକରା ଦିଆଯାଇଛି। ମୟୂରଭଞ୍ଜ ଜିଲାରେ ଏହାର ଆଂଶିକ ପ୍ରଭାବ ପଡିଛି। ୧୨ଦଫା ଦାବିନେଇ ସିଆଇଟିୟୁ, ଏଆଇଟିୟୁସି ଓ ଟ୍ରାନ୍ସପୋର୍ଟ ୱାର୍କର ୟୁନିୟନ ଓ ଇପିଏଫ ପେନସନ ସଂଘର କର୍ମକର୍ତ୍ତାମାନେ ବନ୍ଦକୁ ଆଂଶିକ ସଫଳ କରିଛନ୍ତି। ବାରିପଦା ସହରରେ ଯାତ୍ରୀବାହୀ ବସ୍‌ଗୁଡିକ ଚଳାଚଳ କରି ନ ଥିଲା। ସିଆଇଟିୟୁର ଜିଲା ସଭାପତି ରବି ଗୋସ୍ୱାମୀ, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ପେନସନ ସଂଘର ମଦନମୋହନ ଜେନାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ପିକେଟିଂ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

### ବିକ୍ଷୋଭକାରୀଙ୍କ ରାସ୍ତାରୋକୋ

କେନ୍ଦୁଝର/ଯୋଡ଼ା, (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ସବୁଠି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ଜିଲା ମୁଖ୍ୟାଳୟର ଗାନ୍ଧୀଛକଠାରେ ଆନ୍ଦୋଳନକାରୀ ସ୍ଲୋଗାନ ଦେଇ ରାସ୍ତା ଅବରୋଧ ସହ କେନ୍ଦୁଝରଗଡ଼ ଷ୍ଟେଶନରେ ରେଳରୋକୋ କରିଥିଲେ। କେନ୍ଦୁଝରଗଡ-ଭୁବନେଶ୍ୱର ଫାଷ୍ଟ ପାସେଞ୍ଜର ଟ୍ରେନ ଅବରୋଧ ଯୋଗୁ ୩୦ ମିନିଟ ବିଳମ୍ବରେ ଯାଇଥିଲା। ଏହି ଆନ୍ଦୋଳନରେ ଏଆଇଟିୟୁସିର ଜୋନ ସମ୍ପାଦକ ଶ୍ରୀହରି ଘଣା, ସହସମ୍ପାଦକ ବିରଞ୍ଚି ଦେହୁରୀ, ଖଗେଶ୍ୱର ମହାନ୍ତ,ମାର୍କଣ୍ଡ ଦେହୁରୀ, ଓଡିଶା କୃଷକ ସଭା ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସହ ସମ୍ପାଦକ ସିଆଟିୟୁ ଭବାନୀ ଶଙ୍କର ମହାନ୍ତ, ଅନନ୍ତ ମହାନ୍ତ, ପବିତ୍ର ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଯୋଡ଼ାରେ ଏଆଇଟିୟୁସିର ନେତା ହୃଦାନନ୍ଦ ପ୍ରଧାନ, ଅନିଲ ଚାତମ୍ବା, ରାଜେଶ ଗୋପ,କୁନା କାରୁଆ, ସରୋଜ ମହାନ୍ତ, ଦିଲ୍ଲୀପ ମାଝୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ଜୁରୁଡିଠାରେ ଏଆଇଟିୟୁସି ନେତା କାହ୍ନୁ ଚରଣ ସାମଲ, ରାଜାରାମ ମୁଣ୍ଡା, ଗୋବିନ୍ଦ ସାମଲ, ମାନୋ ଗୋବିନ୍ଦ ପାତ୍ର, ବାଗରା ଚାତାର ପ୍ରମୁଖଙ୍କ ନେତୃତ୍ୱରେ ଧର୍ମଘଟ ସଫଳ ହୋଇଥିଲା।

